# Akashvani, Sambalpur

## SAMBALPURI NEWS BULLETIN

### 1 May 2025- 6.47- 6.52 am.

**********************************************

ୱେଭ୍ସ ସମ୍ମିଳନୀ                                                    ପିଆଇବି

ମୁମ୍ବାଇ ଜିଓ ୱାର୍ଲଡ କନ୍‌ଭେନ୍‌ସନ୍ ସେଂଟର ଠାନ ଆଏଜ୍ କାଏଲ୍ ଠାନୁ ବିଶ୍ୱ ଦୃଶ୍ୟ ଶ୍ରାବ୍ୟ  ମନୋରଞ୍ଜନ ସମ୍ମିଳନୀ - ୱେଭ୍ସ -୨୦୨୫ ମୂଲ୍ ହେବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମକେ ଉଦ୍‌ଘାଟନ କର୍‌ବେ । ୪ ଦିନ୍ ଧରି କରି ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ଥି ଭାରତ୍ ସହେତେ ପୁର୍‌ଥିର ଭିନ୍ ଭିନ୍ ଦେଶର୍ ଗଣମାଧ୍ୟମ ଆଉ ମନୋରଞ୍ଜନ କ୍ଷେତ୍ରର୍ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ କରି ଅଭିଜ୍ଞତାର ଆଦାନ ପ୍ରଦାନ କର୍‌ବେ । ଇ କାର୍ଯ୍ୟକ୍ରମ ଭାରତ୍‌ନ ସୃଜନୀ ଅର୍ଥନୀତିକେ ବର୍‌କସ୍ କର୍‌ବା ବଲି ଆଶ୍ କରାଯାଉଛେ ।

ରଥଯାତ୍ରା ପ୍ରସ୍ତୁତି ବୈଠକ                    ଆର୍‌ଏନ୍‌ୟୁ ସମ୍ବଲପୁର୍

ବିଶ୍ୱପ୍ରସିଦ୍ଧ ରଥଯାତ୍ରାକେ ଶୃଙ୍ଖଲିତ ଭାବେ କର୍‌ବାର୍ ଲାଗି ପୁରୀ ନ ଆଏଜ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସ୍‌ବା ।  କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ

ବି. ପରମେଶ୍ୱରଙ୍କର ଅଧ୍ୟକ୍ଷତାଥି ପହେଲା ରଥଯାତ୍ରା ସମନ୍ୱୟ ବୈଠକ ଟାଉନ୍ ହଲପରିସର ନ ସଖାଲ୍ ବେଲା ଇ ବୈଠକ ହେବା । ପିଇବାର ପାଏନ୍, ବିଦ୍ୟୁତ୍ ଯୋଗାଣ, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ସହେତେ ରଥ ତିଆରି ଆଉ କାଠ୍ ଯୁଗାବାର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେବା ।

ଯୋଜନା ଆଉ ସଂଯୋଜନ ବିଭାଗ୍ ବୈଠକ I&PR

ବାର୍ଷିକ କାର୍ଯ୍ୟ ଯୋଜ୍‌ନା ଆଉ ଶାସନ୍ ପ୍ରକ୍ରିୟାକେ ଆହୁରି ପ୍ରଭାବଶାଳୀ କର୍‌ବାର୍‌କେ ରାଜ୍ୟ ଉନ୍ନୟନ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକସେବା ଭବନ୍‌ନ ଗଲାକାଏଲ ଯୋଜନା ଆଉ ସଂଯୋଜନ ବିଭାଗ୍‌ର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଭିନ୍ ଭିନ୍ ଆଂଚଳିକ ଉନ୍ନୟନ୍ ଯୋଜ୍‌ନାର୍ ବାର୍ଷିକ୍ କାର୍ଯ୍ୟାନ୍ୱୟନ୍ ଲାଗି ରଣନୀତି ପ୍ରସ୍ତୁତ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ବିଦ୍ୟାଳୟ ନ ମହାକାଶ ପ୍ରୟୋଗଶାଳା ପିଆଇବି

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ୍- ଇସ୍ରୋର୍ ବୈଷୟିକ୍ ମାର୍ଗଦର୍ଶନଥି଼ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଆଉ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ ତର୍ଫୁ ଓଡ଼ିଶା ସହେତେ ଦେଶର ୧୯ଟା ରାଜ୍ୟର ଏକଲବ୍ୟ ଆବାସିକ ବିଦ୍ୟାଳୟ ମାନ୍‌କେ  ୭୫ଟା ମହାକାଶ ପ୍ରୟୋଗ୍‌ଶାଳା ଥାପ୍‌ନା କରାଯିବା । ସରକାରଙ୍କର ଇ ପଦକ୍ଷେପ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ବ୍ୟବଧାନ୍‌କେ ପୂରା କର୍‌ବାର୍ ସହେତେ ମହାକାଶ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଂ ଆଉ ଗଣିତ କ୍ଷେତ୍ରଥି ଆଦିବାସୀ ଯୁଆନ୍ ପିଲାଟୁକେଲ୍ ମାନଙ୍କର ଲାଗି ନୂଆ ରାସ୍ତା ଖୁଲ୍‌ବା ବଲି ଆଶା କରାଯାଉଛେ । ଇଥିର୍ ଲାଗି କେନ୍ଦ୍ର ସରକାର ୧୨ କୋଟି ଟଙ୍କା ମଞ୍ଜୁର କରିଛନ୍ ।

ଓସିଏସ୍ - ୨୦୨୩ ଏଣ୍ଥୋପଲୋଜି ପରୀକ୍ଷା

ଆର୍‌ଏନ୍‌ୟୁ ସମ୍ବଲପୁର୍

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) - ୨୦୨୩ର ଏଣ୍ଥୋପଲୋଜି ପରୀକ୍ଷା ଫେର୍ ଘାଏ ହେବା ।  ପ୍ରଶ୍ନପତ୍ର ଅଦଲବଦଲ ହେବାର୍‌ନୁ ଓପିଏସ୍‌ସି ତର୍ଫୁ ସାନି ପରୀକ୍ଷା ଲାଗି ନିଷ୍ପତି ନିଆଯାଇଛେ । ଆଏବା ୧୪ ତାରିଖ ବୁଧବାର ଦିନ ଇ ପରୀକ୍ଷା ହେବା ବଲି ଓପିଏସ୍‌ସି ତରଫୁ ବିଜ୍ଞପ୍ତି ଜାରି କରାଯାଇଛେ ।

ବଲାଙ୍ଗୀର ଧାନ ଘିନା                                                    ହି.ସ.

ବଲାଙ୍ଗୀର ଜିଲ୍ଲା ନ ଆଏବା ୨୩ ତାରିଖନୁ ୧୨୨ଟା ଧାନ ଘିନା କେନ୍ଦ୍ର ଜରିଏ ଡାଲୁଆ ଧାନ୍ ଘିନା ମୁଲ୍ ହେବା । ଇ ବଛର ଧାନ୍ ବିକ୍‌ବାର ଲାଗି ଜିଲ୍ଲାର ୧୧ ହଜାର ୬ ଶହ ୫୩ ଝନ୍ ଚାଷୀ ପଞ୍ଜୀକରଣ କରିଛନ୍ । ପହେଲା ଖେପେ ୨ ଲାଖ୍ ୫ ହଜାର ୭ ଶହ ୮୦ କୁଇଂଟାଲ୍ ଧାନ୍ ଘିନ୍‌ବାର ଲକ୍ଷ୍ୟ ରଖାଯାଇଛେ ବଲି ଗଲାକାଏଲ୍ ହେଇଥିବା ଜିଲ୍ଲାସ୍ତରୀୟ ଧାନ୍‌ଘିନା କମିଟି ବୈଠକ୍‌ଥି ନିଷ୍ପତି ଉତ୍‌ରୁ ସୂଚ୍‌ନା ମିଲିଛେ । ଜିଲ୍ଲାପାଳ ଗୌରବ ଶିବାଜୀ ଇସଲ୍‌ୱାରଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କର ସହେତେ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଶ୍ରମିକ୍ ଦିବସ                                                    ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଅନ୍ତର୍ଜାତୀୟ ଶ୍ରମିକ୍ ଦିବସ୍ । ଦେଶ୍ ଗଠନ୍‌ଥି ଶ୍ରମିକ୍‌ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଅବଦାନ୍‌କେ ସମ୍ମାନ୍ ଜନେଇକରି ଇ ଦିବସ୍ ପାଲନ୍ କରାଯାଉଛେ । ଇଟାକେ ମେ ଦିବସ୍ ବଲି ଭିଲ୍ କୁହାଯାଏସି । ସାରା ପୁର୍‌ଥି ନ ଅର୍ଥନୈତିକ ଆର୍ ସାମାଜିକ ଅଧିକାର୍ ହାସଲ୍ କର୍‌ବାର୍ ଦିଗେ ଶ୍ରମିକ୍ ମାନ୍‌କର୍ ବଲିଦାନ୍‌କେ ସୁର୍‌ତା କର୍‌ବାର୍‌ଟା ଇ ଦିବସ୍‌ର

ଉଦ୍ଦେଶ୍ୟ ଆଏ । ଆଜିର୍ ଦିନେ ପୁର୍‌ଥିର୍ ଚାର୍‌ହିକୁତି ଥିବାର୍ ଶ୍ରମିକ୍‌ମାନ୍‌କର୍ କାର୍ଯ୍ୟଦକ୍ଷତାକେ ସମ୍ମାନ୍ ଜନେଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରାଜ୍ୟର୍ ଶ୍ରମିକ୍‌ମାନ୍‌କୁ ମେ ଦିବସ୍ ଅବ୍‌ସରେ ଶୁଭକାମନା ଜନେଇଛନ୍ । ନିଷ୍ଠାପର ଭାବେ ସଭେ ନିଜର୍ କାମ୍ କରି କରି ରାଜ୍ୟର୍ ଲାଗି ଗର୍ବ ଆଉ ଗୌରବର କାରଣ ହେବାର୍ ସହେତେ ବିକଶିତ ଓଡ଼ିଶା ଆଉ ବିକଶିତ ଭାରତ ଗଢ଼୍‌ବାର୍ ଦିଗେ ନିଜର୍ ଅବଦାନ ଦେବାର୍‌କେ ରାଜ୍ୟପାଳ ଆହ୍ୱାନ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇ କରି ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ଆଉ ଅଧିକାରର ସୁରକ୍ଷା ଲାଗି ରାଜ୍ୟ ସରକାର ସବୁବେଳେ ଚେରେଷ୍ଟା କରୁଛନ୍ ବଲି କହିଛନ୍ ।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ୍ ନ ଆଏଜ୍ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସମାରୋହ ଆୟୋଜନ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଶ୍ରମିକ ସାଥୀ ମୋବାଇଲ ଆପ୍‌ର ଲୋକାର୍ପଣ କର୍‌ବାର୍ ସହେତେ ଭିନ୍ ଭିନ୍ ଜନକଲ୍ୟାଣକାରୀ ଯୋଜନା ଆର୍ ପ୍ରକଳ୍ପର୍ ଶୁଭାରମ୍ଭ କର୍‌ବେ ।

କଳିଙ୍ଗ ସୁପର କପ୍ ଫୁଟବଲ                    ଆର୍‌ଏନ୍‌ୟୁ ସମ୍ବଲପୁର୍

ଭୁବନେଶ୍ୱର ନ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଂଟ ଥି ହେଇଥିବା ସେମିଫାଇନାଲ ମେଚ୍‌ଥି ଗୋଆ ଏଫ୍‌ସି ୩-୧ ଗୋଲ୍‌ଥି ମୋହନ ବାଗାନକେ ଆଉ ଜାମସେଦପୁର ୧-୦ ଗୋଲ୍‌ଥି ମୁମ୍ବାଇ ସିଟିକେ ହରେଇଥିଲା । ଆଏବା ଶନିବାର ଦିନ ହେବାର୍‌କେ ଥିବା ଟୁର୍ଣ୍ଣାମେଂଟର ଫାଇନାଲ୍‌ଥି ଗୋଆ ଏଫ୍‌ସି ଆଉର୍ ଜାମସେଦପୁର ଦଲ୍ ଭିତ୍‌ରେ ମେଚ୍ ହେବା ।

ପାଣିପାଗ                                        I&PR

ଭୁବନେଶ୍ୱର ଆଂଚଲିକ ପାଣିପାଗ କେନ୍ଦ୍ର ସୂଚନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ବଡ଼ଭାଗୀ ଜାଗାନେ ଧୁକା ଗର୍ଜି ସାଙ୍ଗେ ହାଲ୍‌କାନୁ ମଧମ ବର୍ଷା ହେଇପାରେ । ଧୁକା ଗର୍ଜି, ଜବର୍ ବର୍ଷା, କରାମାଡ଼ ଆଉ ବଜ୍ରପାତ ଲାଗି ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼, କଟକ, ଢ଼େଙ୍କାନାଳ, ଅନୁଗୁଳ ସହେତେ ୧୫ଟା ଜିଲ୍ଲାକେ ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।